# Akashvani, Sambalpur

## SAMBALPURI NEWS BULLETIN

### 23 May 2024- 6.47- 6.52 am.

****************************************************

୩ ନମ୍ବର୍ ଖେପ୍ ନିର୍ବାଚନ୍     ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ୩ ନମ୍ବର୍ ଖେପ୍ ଭୋଟ୍ ଆଏବା ୨୫ ତାରିଖ୍ ଦିନ  ହେବା । ଇ ଖେପେ ସମ୍ବଲ୍ପୁର୍, ଢେଙ୍କାନାଲ୍, କେନ୍ଦୁଝର୍, କଟକ୍, ଭୁବ୍ନେଶ୍ୱର୍ ଆର୍ ପୁରୀ ସଂସଦୀୟ କ୍ଷେତ୍ର ଆର୍ ଇତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ହେଥିର୍ଲାଗି ଆଏଜ୍ ଉପର୍ବେଲାନୁ ପ୍ରଚାର୍କାମ୍ ସର୍ବା ।

ସମ୍ବଲ୍ପୁର୍ ଜିଲ୍ଲା ନ ଅବାଧ ଆର୍ ନିରପେକ୍ଷ ଭୋଟ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍ଫୁ ପଦକ୍ଷେପ୍ ନିଆଯାଇଛେ । ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍ ଭିନ୍ ଭିନ୍ ମତଦାନ୍ କେନ୍ଦ୍ର, ପୋଲିଂ ବୁଥ୍ କେ ଯାଇକରି ସେନର୍ ବ୍ୟବସ୍ଥାର୍ ଅନୁଧ୍ୟାନ୍ କର୍ବାର୍ ସଙ୍ଗେ ଭୋଟ୍ ଲାଗି କରାଯାଇଥିବା ନାକା ଆର୍ ଫ୍ଲାଇଂ ସ୍କ୍ୱାର୍ଡ଼ର କାମ୍ ତଦାରଖ୍ କରିଥିଲେ ।

ଦେବ୍‌ଗଡ୍ ଜିଲ୍ଲା ନ ମୋଟ୍ ୩ ଶହ ୩୮ ଟା ପୁଲିଂ ବୁଥ୍ କରାଯାଇଛେ । ସେଭିତ୍‌ରେ ୪୦ ଟା ସଖୀବୁଥ୍ ଆର୍ ୪୮ ଆଦର୍ଶ ବୁଥ୍ ରହିଛେ । ୨ ଶହ ୩ ଟା ବୁଥ୍ ନ ସିସିଟିଭି କେମ୍‌ରା ଲଗାଯାଇଛେ । ଜିଲ୍ଲା ନ ଭୋଟ୍ ଗ୍ରହଣ୍ କାମ୍‌ଥି ୨ ହଜାର୍ ୨ ଶହ ୫୬ ଝନ୍ ଅଧିକାରୀ ଆଉ କର୍ମଚାରୀଙ୍କୁ ଲଗାଯାଇଛେ ।

ରିପୋଲିଂ- ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କନ୍ଧମାଲ୍ ସଂସଦୀୟ କ୍ଷେତ୍ର ଅଧିନ୍‌ଥି ଥିବା ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବିଧାନ୍‌ସଭା ଆସନ୍‌ର ୨ ଟା ବୁଥ୍‌ଥି ଆଏଜ୍ ଫେର୍‌ଘାଏ ଭୋଟ୍ ହେବା । ରାଜ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟନୁ ମିଳିଥିବା ସୂଚ୍‌ନା ଅନ୍‌ସାରେ କଂଟାମାଲ୍ ବିଧାନ୍‌ସଭା ଆସନ୍‌ର ୨୬ ନମ୍ବର୍ ଆର୍ ୨୮ ନମ୍ବର୍ ବୁଥ୍ ଥି ଆଏଜ୍ ସଖାଲର୍ ୭ ବଜେନୁ ଉପର୍‌ବେଲା ୪ ବଜେତକ୍ ଭୋଟ୍ ହେବା ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଦିନ ଫେର୍‌ଘାଏ ଓଡ଼ିଶା ଗସ୍ତଥି ଆଏବେ ବଲି ରାଜ୍ୟ ବିଜେପି ନିର୍ବାଚନ୍ ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍ ସୂଚ୍‌ନା ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା ଆର୍ ବାଲେଶ୍ୱର୍ ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ବିଜେପିର ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଏବା ୨୫ ତାରିଖ୍ ଦିନ ଫେର୍‌ଘାଏ ଓଡ଼ିଶା ଗସ୍ତ ନ ଆସିକରି ବାରିପଦା, ଚାନ୍ଦବାଲି, ନିମାପଡ଼ା ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଦଲର୍ ବରିଷ୍ଠ ନେତା ଆର୍ ଉତର୍‌ପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଆଏଜ୍ ପୁରୀ ଜିଲ୍ଲାର୍ ବାଣପୁର୍ ଆର୍ କଟକ୍ ଜିଲ୍ଲାର୍ ମାହାଙ୍ଗା ନ ଦଲୀୟ ପ୍ରଚାର୍ କର୍‌ବେ । ହେନ୍ତା ବିଜେପିର୍ ରାଷ୍ଟ୍ରୀୟ ସଭାପତି ଜଗତ୍ ପ୍ରକାଶ୍ ନଡ୍ଡା ଆଏଜ୍ କରଞ୍ଜିଆ, ଧାମ୍‌ନଗର୍, ବଡ଼ଚଣା ଆର୍ ବାଲିକୁଦା ବିଧାନ୍‌ସଭା ଆସନ୍ ଇଲାକା ନ ଦଲୀୟ ପ୍ରଚାର୍ କାର୍ଯ୍ୟକ୍ରମ୍‌ଥି ସାମିଲ ହେବେ ।

ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଆର୍ ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଭିଲ୍ ଦଲୀୟ ପ୍ରାର୍ଥୀଙ୍କର୍ ପ୍ରଚାର୍

ଲାଗି ଆଏବା ହପ୍ତା ଓଡ଼ିଶା ଗସ୍ତ ନ ଆସ୍‌ବେ ବଲି ଜନାପଡ଼ିଛେ ।

ହାତୀ ଗନ୍‌ତି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ୪୬ ଟା ବନଖଣ୍ଡ ନ ହାତୀ ଗନ୍‌ତି ମୁଲ୍ ହେଇଛେ । ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀ ଆର୍ ସ୍ୱେଚ୍ଛାସେବୀମାନେ ପ୍ରତ୍ୟକ୍ଷ ଗଣ୍‌ନା ପଦ୍ଧତି ଅନ୍‌ସାରେ ହାତୀ ଗନ୍‌ତିଥି ସାମିଲ୍ ହେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ୨୦୧୫ ମସିହାଥି ରାଏଜେ ହାତୀ ସଂଖ୍ୟା ୧ ହଜାର୍ ୯ ଶହ ୫୪ ଥିବାର୍ ବେଲେ ୨୦୧୭ ମସିହା ନ ହାତୀମାନ୍‌କର୍ ସଂଖ୍ୟା ୧ ହଜାର୍ ୯ ଶହ ୭୬ ଥିଲା । ହେଲେ ୨୦୧୯ ନୁ ୨୦୨୪ ମସିହା ଭିତ୍‌ରେ ଭିନ୍ ଭିନ୍ ଦୁର୍ଘଟଣାଥି ରାଏଜେ ୪ ଶହ ନୁ ଅଏତ୍‌କା ହାତୀଙ୍କର୍ ମୃତ୍ୟୁ ହେଇଥିଲା ।

୩ ଟା ନୂଆଁ ମେଡ଼ିକାଲ୍ କଲେଜ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଉ ୩ ଟା ନୂଆଁ ମେଡ଼ିକାଲ୍ କଲେଜ୍ ଖୁଲ୍‌ବା । ସ୍ୱାସ୍ଥ୍ୟ ବିଭାଗ୍ ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ବଛର୍ ଶେଷ୍‌ତକ୍ ଯାଜ୍‌ପୁର୍ ନ ଆଉ ଆଏବା ବଛର୍ ଫୁଲ୍‌ବାଣୀ ଆର୍ ଅନୁଗୁଲ୍ ନ ମେଡ଼ିକାଲ୍ କଲେଜ୍ ଖୁଲ୍‌ବା ।

ପୁରୀ- ରଥ ତିଆରି ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁଙ୍କର୍ ରଥ୍‌ଯାତ୍ରା ଲାଗି ରଥ୍ ତିଆରି କାମ୍ ଚାଲିଛେ । ଗଲାକାଏଲ୍ ନୃସିଂହ ଚତୁର୍ଦ୍ଦଶୀ ତିଥିଥି ରଥମାନ୍‌କର୍ ତୁମ୍ବଥି ଅର ଆର୍ ପହି ଲଗାବାର୍‌କେ ବଡ଼ଦାଣ୍ଡ ନ ଯନ୍ତାଗାଡ଼ ଖୁଲାଯାଇଛେ । ରଥ ତିଆରି କାମ୍‌ଥି ଶହେ ୮୧ ଝନ୍ ମହାରଣା, ଭୋଇ, କରତୀ, କମାର ଆର୍ ରୂପକାର୍ ସେବକ ଲାଗିଛନ୍ ।

ବିଶ୍ୱ କଇଁଛ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ କଇଁଛ ଦିବସ୍ । କେଛୋ ମାନ୍‌କର୍ ସୁରକ୍ଷା ଦିଗେ ସଚେତନତା କର୍‌ବାର୍‌କେ ଗଲା ୨୦୦୦ ମସିହାନୁ ଫି ବଛର୍ ମେ ମାସର୍ ୨୩ ତାରିଖ୍‌କେ ବିଶ୍ୱ କଇଁଛ ଦିବସ୍ ଭାବେ

ପାଲନ୍ କରାଯାଉଛେ । ସାରା ପୁର୍‌ଥି ନ ୩ ଶହ ପ୍ରଜାତିର କେଛୋ ଥିବାର୍ ବେଲେ ସେଥୁ କେତେ ପ୍ରଜାତି ଲୋପ୍ ପାଇଥିବାର୍ ବେଲେ ଆଉ କେତେଟା ପ୍ରଜାତି ସଙ୍କଟ୍ ଥିତିଥି ଅଛନ୍ । ସମୁଦ୍ର ଆର୍ ନଦୀର୍ ପ୍ରଦୂଷଣ୍ ଲାଗି କେଛୋ ସଂଖ୍ୟା କମ୍‌ବାର୍ ଗୁଟେ ବଡ଼୍ କାରଣ୍ ଆଏ ବଲି କୁହାଯାଉଛେ ।

ରବି ଧାନ୍ ଘିନା- କୋକ୍‌ସରା ବ୍ଲକ୍ ଆର୍‌ଏନ୍‌ୟୁ/ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ଧର୍ମଗଡ଼୍ ଉପଖଣ୍ଡର୍ କୋକସରା ବ୍ଲକ୍ ନ ଗଲାକାଏଲ୍‌ନୁ ଚଲ୍‌ତି ରବିରତୁର ଧାନ୍ ଘିନା ମୁଲ୍ ହେଇଛେ । ଚଲ୍‌ତି ରବି ରତୁଥି ଜିଲ୍ଲାର୍ ଶହେ ୫୦ ଟା ମଣ୍ଡିନୁ, ୫୨ ହଜାର୍ ୫ ଶହ ୮୭ ଝନ୍ ଚାଷୀ ଧାନ୍ ବିକ୍‌ବାର୍ ଲାଗି ନାଁ ପଞ୍ଜିକରଣ୍ କରିଥିବାର୍ ବେଲେ ୩୦ ଲାଖ୍ କ୍ୱିଂଟାଲ୍ ଧାନ୍ ଘିନାଯିବାର୍ ଲକ୍ଷ ଧାରିଜ୍ କରାଯାଇଛେ ବଲି ଯୋଗାଣ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବୁଦ୍ଧ ପୂର୍ଣ୍ଣିମା ଆର୍‌ଏନ୍‌ୟୁ /ସମ୍ବଲପୁର/ ଏନ୍‌ଏସ୍‌ଡି

ଦେଶେ ଆଏଜ୍ ଭଗବାନ୍ ବୁଦ୍ଧଙ୍କର୍ ଜନ୍ମ ତିଥି ବୁଦ୍ଧ ପୂର୍ଣ୍ଣିମା ପାଲନ୍ କରାଯାଉଛେ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନଖଡ଼୍ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଭଗବାନ୍ ବୁଦ୍ଧେ ସବୁ ମୁନୁଷ୍ ଆର୍ ପ୍ରାଣୀମାନ୍‌କୁ ପ୍ରେମ୍ କର୍‌ବାର୍ ସଙ୍ଗେ ସତ୍ୟ, ଅହିଂସା ଆର୍ ଭାଇଚାରାର ବାଟ୍ ଦେଖେଇଛନ୍ ବଲି ରାଷ୍ଟ୍ରପତି ତାଙ୍କର୍ ବାର୍ତାଥି କହିଛନ୍ । ସେନ୍ତା ଭଗବାନ୍ ବୁଦ୍ଧଙ୍କର୍ ଅଷ୍ଟମାର୍ଗ ଲୋକ୍‌ମାନ୍‌କୁ ଦୟା ଆର୍ ଅହିଂସାର୍ ବାଟ୍ ଦେଖାସି ବଲି ଉପରାଷ୍ଟ୍ରପତି ତାଙ୍କର୍ ବାର୍ତାଥି କହିଛନ୍ । ଇତାର୍‌ସହେତେ ଆଏଜ୍ ହେଉଛେ ସନ୍ଥକବି ଭୀମଭୋଇଙ୍କର୍ ଜୟନ୍ତୀ । ହେଥିର୍‌ଲାଗି ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/କଟକ୍

ବଙ୍ଗୋପ୍‌ସାଗର୍ ନ ସକ୍ରିୟ ଥିବା ଘୂର୍ଣ୍ଣିବଲୟ ଗଲାକାଏଲ୍ ଲଘୁଚାପ୍‌ର ରୂପ ନେଇଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଲଘୁଚାପ୍ ଆହୁରି ଘନୀଭୂତ ହେଇକରି ଆଏବା କାଏଲ୍ ସଖାଲେ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଇଲାକା ନ

ଅବପାତର ରୂପ ନେବ। । ଲଘୁଚାପ୍‌ର ପ୍ରଭାବ୍‌ଥି ଆଏବା ୨୫ ଆର୍ ୨୬ ତାରିଖ୍ ବାଲେଶ୍ୱର୍ ଜିଲ୍ଲାର୍ କେତେ ଜାଗା ନ ଜବର୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ ।

ସେଆଡ଼େ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କୁ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ସୂଚ୍‌ନା ମିଲିଛେ ।